# ଆଦିବାସୀ ମେଳା-୨୦୧୬

## ଦିନକ ପରେ ସରିବ ମେଳା, ଛୁଟିଲା ଦର୍ଶକଙ୍କ ସ୍ରୋତ

ରାଜଧାନୀର ଗୃହିଣୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଆଦିବାସୀ ମେଳା ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ ଆଜି ଚତୁର୍ଦ୍ଦଶ ଦିବସରେ ମେଳା ପରିସରରେ ଦେଖିବାକୁ ମିଳିଥିଲା ଲୋକଙ୍କର ପ୍ରବଳ ଗହଳି । ସନ୍ଧ୍ୟା ନଇଁ ଆସିବା ମାତ୍ରେ ସବୁ ଫାଟକ ବାଟେ ମେଳାକୁ ଛୁଟିଥିଲା ପରିବାର ସହ ଲୋକଙ୍କ ଲମ୍ବା ଧାଡି । ମେଳାର ମଧ୍ୟଭାଗର ମୁଖ୍ୟ ମଣ୍ଡପରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସେମାନେ ମନଭରି ଉପଭୋଗ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ମଣ୍ଡପ ବୁଲି ଘରକରଣା ସାମଗ୍ରୀ କ୍ରୟ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସହରୀ ମହିଳାଙ୍କ ମଧ୍ୟରେ ପିତଳ ଗହଣା ପ୍ରତି କିପରି ଆଗ୍ରହ ବୃଦ୍ଧି ପାଉଛି, ତାର ନିଆରା ଦୃଶ୍ୟ ପରିଲକ୍ଷିତ ହୋଇଥିଲା କେତେକ ମଣ୍ଡପରେ । ଆଦିବାସୀ ରମଣୀମାନେ ବିକ୍ରି କରୁଥିବା ସୁନ୍ଦର ଗହଣା ମଧ୍ୟରେ ପିତଳ ଓ କଳାମାଳିରେ ଗୁନ୍ଥା ହୋଇଥିବା ମାଳି ଠାରୁ ଆରମ୍ଭ କରି ଅନେକ ପାରମ୍ପରିକ ଗହଣା କେତେକ ଷ୍ଟଲରେ ଉପଲବ୍ଧ ହେଉଛି । ସେଠାରେ ରାଜଧାନୀ ଗୃହିଣୀମାନେ ଖୁବ୍ ଆଗ୍ରହର ସହ ବିଭିନ୍ନ ଗହଣା କ୍ରୟ କରୁଥିବା ଦେଖିବାକୁ ମିଳିଥିଲା ।

ଆଦିବାସୀ ମେଳା ପରିସରରେ ଖୋଲାଯାଇଥିବା କେତୋଟି ସୁଦୃଶ୍ୟ ତଥା ଆକର୍ଷଣୀୟ ମଣ୍ଡପରେ ରାଜ୍ୟର ସୁଦୂର ଆଦିବାସୀ ଅଧ୍ୟୁଷିତ ଅଂଚଳର ଚିତ୍ରକଳା ଓ ହସ୍ତଶିଳ୍ପଜାତ ସାମଗ୍ରୀ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି । କେତେକ ମଣ୍ଡପରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ଭାସ୍କର୍ଯ୍ୟ ଏପରି ମନଲୋଭା ହୋଇଛି ଯେ, ଦର୍ଶକମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ସେ ସବୁ କ୍ରୟ କରିବା ପାଇଁ ଆଗେଇ ଆସିବା ସଙ୍ଗେ ସଙ୍ଗେ ସଂପୃକ୍ତ ଶିଳ୍ପୀଙ୍କ ସହ କିଛି ମୁହୂର୍ତ୍ତ ଭାବର ଆଦାନ ପ୍ରଦାନ କରିବାକୁ ମଧ୍ୟ ପଛାଉ ନାହାନ୍ତି । ସଂପୃକ୍ତ ଜିଲ୍ଲାଗୁଡିକର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ) ସହାୟତାରେ ରାଜଧାନୀକୁ ଆସି ନିଜ ନିଜର ଉତ୍ପାଦିତ ସାମଗ୍ରୀର ପସରା ମେଲାଇବାକୁ ସୁଯୋଗ ପାଇଛନ୍ତି ଏହି ଆଦିବାସୀ ଶିଳ୍ପୀ ଓ କାରିଗର । ଜନଜାତି କଳାସାମଗ୍ରୀ ପ୍ରଦର୍ଶିତ ହେଉଥିବା ପ୍ରାଙ୍ଗଣରେ କନ୍ଧମାଳ ଜିଲ୍ଲାର କୁଟିଆ କନ୍ଧ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ କାଠ ପାନିଆଁ ଓ ବଂଶୀ ହେଉ କିମ୍ବା ପାରଳାଖେମୁଣ୍ଡିର ସଉରା ଶିଳ୍ପୀଙ୍କ ଦ୍ୱାରା ବାଉଁଶରେ ନିର୍ମିତ କେନ୍ଦରା ଶିଳ୍ପକଳା ହେଉ ଅଥବା କରଞ୍ଜିଆର ଶିଳ୍ପୀଙ୍କ ପଥର ତିଆରି ସାମଗ୍ରୀ ହେଉ, ସବୁଥିରେ ଫୁଟି ଉଠିଛି ଆଦିବାସୀ ଶିଳ୍ପୀଙ୍କ ଅପୂର୍ବ କଳା ନୈପୁଣ୍ୟ ।

ଜନଜାତି ଚିତ୍ରକଳା ପ୍ରାଙ୍ଗଣ ଏବଂ ହସ୍ତକଳା ସାମଗ୍ରୀ ପ୍ରାଙ୍ଗଣରେ ସ୍ଥାପିତ ମଣ୍ଡପଗୁଡିକରେ ମଧ୍ୟ ଆଦିବାସୀ ଶିଳ୍ପୀଙ୍କ ଅଙ୍କନ, ଟେରାକୋଟା ସାମଗ୍ରୀ, ବାଉଁଶ ଓ ଲୌହ ଶିଳ୍ପକଳା ଆଦିର ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହୋଇପାରିଛି । ମୋଟ ଉପରେ କହିବାକୁ ଗଲେ ସମୟର ଘାତ ପ୍ରତିଘାତକୁ ଅତିକ୍ରମ କରି ଆଦିବାସୀ ଚିତ୍ରକଳା ଓ ହସ୍ତକଳା ଆଜି ଯେଉଁ ସୋପାନରେ ପହଞ୍ଚି ପାରିଛି, ତାହାର ନିଛକ ଝଲକ ଆଦିବାସୀ ମେଳା ରେ ପ୍ରଦର୍ଶିତ ହୋଇଛି । ଆଉ ଦିନକ ପରେ ମେଳା ସରୁଥିବାରୁ ଏଭଳି ସୁଯୋଗ ହାତଛଡା ନକରି ରାଜଧାନୀବାସୀ ମେଳା ପରିସରକୁ ବହୁ ସଂଖ୍ୟାରେ ଆସି ବର୍ଷକ ପାଇଁ ବିଭିନ୍ନ ସାମଗ୍ରୀ କ୍ରୟ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।